# ସିକିମ୍‌ରେ ଶ୍ରୀଜଗନ୍ନାଥ

ସୂର୍ଯ୍ୟମଣି ଖୁଣ୍ଟିଆ

ଆଜି ସମଗ୍ର ବିଶ୍ୱର କୋଣାନୁକୋଣରେ ଶ୍ରୀଜଗନ୍ନାଥଙ୍କର ପତିତପାବନ ବାନା ଫରଫର ହୋଇ ଉଡୁଛି । ଓଡ଼ିଆ ପୁଅମାନେ ବିଶ୍ୱର ଯେଉଁ କୋଣକୁ ଯାଇଛନ୍ତି, ସେଠାରେ ଶ୍ରୀଜଗନ୍ନାଥଙ୍କର ମନ୍ଦିର ପ୍ରତିଷ୍ଠା କରି କାଳିଆ ସାଆନ୍ତଙ୍କର ପୂଜା ଆରାଧନାର ବ୍ୟବସ୍ଥା କରିଛନ୍ତି । ଏ ପ୍ରକ୍ରିୟା ଅନବରତ ଚାଲିଛି । ଭାରତ ଭିତରେ ହେଉ ବା ଭାରତ ବାହାରେ ହେଉ କେଉଁଠି ନା କେଉଁଠି ନୂଆ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି । ଭାରତର ବିଭିନ୍ନ ପ୍ରଦେଶର ପ୍ରାଣକେନ୍ଦ୍ରମାନଙ୍କରେ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀବିଗ୍ରହମାନେ ବିରାଜମାନ କରିଛନ୍ତି । କେନ୍ଦ୍ରୀୟ ରାଜଧାନୀ ଦିଲ୍ଲୀରେ ତ ଏକାଧିକ ଜଗନ୍ନାଥ ମନ୍ଦିର ରହିଛି । ହସ୍‌ଖସ୍‌ରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିଦିନ ହଜାର ହଜାର ଓଡ଼ିଆ ଓ ଅଣଓଡ଼ିଆ ଭକ୍ତଙ୍କର ସମାବେଶ ହେଉଛି । ସେମିତି ଗୁଜୁରାଟର ଅହମଦାବାଦରେ, କର୍ଣ୍ଣାଟକର ବାଙ୍ଗାଲୁରଠାରେ, କୋଲ୍‌କାତାର ଖେଦିର୍‌ପୁରଠାରେ ଦାରୁଦେବତା ପୂଜା ପାଉଛନ୍ତି । ଆସାମରେ ବର୍ତ୍ତମାନ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ ଚାଲିଛି । ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମିଠାରେ ଥିବା କେଶବଦେବ ମନ୍ଦିରରେ ହେଉ ବା ବୃନ୍ଦାବନରେ ହେଉ ସବୁଠି ଜଗନ୍ନାଥଙ୍କର ବଳିୟାରଭୁଜ ପ୍ରଲମ୍ବିତ । ଭାରତର ସୀମାନ୍ତ ରାଜ୍ୟ ସିକିମ୍‌କୁ ମଧ୍ୟ ମହାପ୍ରଭୁ ଭୁଲି ଯାଇନାହାନ୍ତି । କିନ୍ତୁ ଏଠାରେ ଓଡ଼ିଆମାନେ ଶ୍ରୀଜଗନ୍ନାଥଙ୍କୁ ବିରାଜମାନ କରାଇ ନାହାନ୍ତି । ଏହା ସମ୍ଭବ ହୋଇଛି ସ୍ଥାନୀୟ ସଂଗଠନ ଦ୍ୱାରା । ଏ ଆଲୋଚନାରେ ସିକିମ୍‌ର ପରିଚୟ ସହିତ ଇତିହାସ ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେବାର ପ୍ରୟାସ କରାଯିବ ।

ପୂର୍ବ-ଉତ୍ତର ଭାରତର ସୀମାନ୍ତ ରାଜ୍ୟ ସିକିମ୍ ହେଉଛି ଭାରତର ଦ୍ୱିତୀୟ ଛୋଟରାଜ୍ୟ । ସିକିମ୍‌ର କ୍ଷେତ୍ରଫଳ ୭୦୯୬କି.ମି x ୨୭୫୦ କି.ମି. । ସିକିମ୍‌ର ଜୀବନରେଖା ହେଉଛି ତିସ୍ତାନଦୀ । ସିକିମ୍‌ର ପଶ୍ଚିମ ସୀମାରେ ନେପାଳ । ସିକିମ୍ ଆଉ ନେପାଳ ଭିତରେ ଛିଡା ହୋଇଛି ପୃଥିବୀର ତୃତୀୟ ସୁଉଚ୍ଚ ପର୍ବତ କାଂଚନଜଂଘା । ଉତ୍ତର ପୂର୍ବରେ ଚାଇନା-ତିବ୍ବତ ସ୍ୱୟଂସାଶିତ ଅଂଚଳ, ଦକ୍ଷିଣ ପୂର୍ବରେ ଭୁଟାନ । ଦକ୍ଷିଣରେ ପଶ୍ଚିମବଂଗର ସୀମା । ହିମାଳୟ କୋଳରେ ଛିଡା ହୋଇଛି ଏ ପ୍ରଦେଶ ସିକିମ୍ । ୨୦୧୧ ଜନଗଣନା ଅନୁଯାୟୀ ଲୋକସଂଖ୍ୟା ପ୍ରାୟ ଛଅଲକ୍ଷ । ସିକିମ୍‌ରେ ଚାରିଗୋଟି ଜିଲ୍ଲା- ପୂର୍ବସିକିମ୍, ପଶ୍ଚିମ ସିକିମ୍, ଉତ୍ତର ସିକିମ୍ ଓ ଦକ୍ଷିଣ ସିକିମ୍ । ଏ ହେଲା ସିକିମ୍‌ର ଭୌଗଳିକ ସ୍ଥିତି ।

ଏବେ ଦେଖିବା ସିକିମ୍‌ର ଐତିହାସିକ ଧାରାକୁ । କିମ୍ବଦନ୍ତୀ କହେ ବୌଦ୍ଧ ଧର୍ମଗୁରୁ 'ରେନ୍‌ପୋକ୍' ଏ ମାଟିରେ ନବମ ଶତାବ୍ଦୀରେ ପାଦ ଦେଇଥିଲେ । ସେ ଏ ମାଟିରେ ବୌଦ୍ଧଧର୍ମ ପ୍ରଚାର କରିବା ସଙ୍ଗେ ସଙ୍ଗେ ରାଜ୍ୟ ଶାସନ ପଦ୍ଧତି ଆରମ୍ଭ କରିଥିଲେ । ଚତୁର୍ଦ୍ଦଶ ଶତାବ୍ଦୀରେ ଖେବୁମ୍ ନାମକ ଜଣେ ରାଜପୁତ୍ର ପୂର୍ବ ତିବ୍ବତରେ ଖାମ୍‌ରମିନ୍ୟାକ୍ ରାଜକୁଳରୁ ଆସିଥିଲେ । ତାଙ୍କୁ ଦେବ ନିର୍ଦ୍ଦେଶ ହୋଇଥିଲା, 'ତୁମେ ଦକ୍ଷିଣକୁ ଯାଅ ଏବଂ ନିଜର ଭାଗ୍ୟ ଅନ୍ୱେଷଣ କର ।' ଖେବୁ ସିକିମ୍ ଆଡକୁ ଆସିଥିଲେ । ତାଙ୍କର ପଞ୍ଚମ ପୁରୁଷ ଫୁଣ୍ଟସଂଗ୍ ନାମଗ୍ୟାଲ୍ ସିକିମ୍‌ରେ ରାଜବଂଶ ପ୍ରତିଷ୍ଠା କରି ରାଜ୍ୟ ଶାସନ ଆରମ୍ଭ କରିଥିଲେ ୧୬୪୨ ଖ୍ରୀଷ୍ଟାବ୍ଦରେ । ଏ ରାଜବଂଶର ରାଜାମାନଙ୍କୁ ଚୋଗ୍ୟାଲ ବା ପୁରୋହିତ ରାଜା ବୋଲି କୁହାଯାଉଥିଲା । ୧୭୧୭ରୁ ୧୭୩୩ ଭିତରେ ପଶ୍ଚିମ ଦିଗରୁ ନେପାଳୀମାନେ ଓ ପୂର୍ବଦିଗରୁ ଭୁଟାନୀମାନେ ବାରମ୍ବାର ସିକିମ୍‌କୁ ଆକ୍ରମଣ କଲେ । ନେପାଳୀମାନେ ରନ୍‌ଡେଣ୍ଟସୋଠାରେ ଥିବା ରାଜଧାନୀକୁ ନଷ୍ଟ କରିଦେଲେ ।

୧୭୯୧ ମସିହାରେ ଚାଇନା ସୈନ୍ୟ ପଠାଇ ସିକିମ୍‌କୁ ନେପାଳୀମାନଙ୍କ କବଳରୁ ମୁକ୍ତ କଲା । ଚୀନ୍‌ର ଶାସକ କ୍ୱିଙ୍ଗ୍ ରାଜବଂଶ ସିକିମ୍‌ର ଶାସନକୁ ନିଜ ନିୟନ୍ତ୍ରଣକୁ ନେଇଗଲେ । ନେପାଳୀମାନଙ୍କ ବାରମ୍ବାର ଆକ୍ରମଣକୁ ମୁକାବିଲା କରିବା ପାଇଁ ସିକିମ୍‌ର ଚୋଗ୍ୟାଲ୍ ଇଷ୍ଟଇଣ୍ଡିଆ କମ୍ପାନୀର ସାହାଯ୍ୟ ଲୋଡ଼ିଲେ । ୧୮୧୪ ମସିହାରେ ନେପାଳୀମାନଙ୍କ ସହିତ ଇଷ୍ଟଇଣ୍ଡିଆ କମ୍ପାନୀ ଯୁଦ୍ଧ କଲା । ଏହାକୁ ଗୁର୍ଖାଓ୍ୱାର କୁହାଯାଏ । ନେପାଳ ପରାଜିତ ହେଲା । ଏ ଭିତରେ ଗୋଟାଏ ଘଟଣା ଘଟିଲା । ଦୁଇଜଣ ବ୍ରିଟିଶ ଡାକ୍ତର ସାର୍ ଜୋସେଫ୍ ଡାଲ୍‌ଟନ୍‌ହୁକର ଏବଂ ଡାକ୍ତର ଆରଚିବାଲ୍‌ଡି କ୍ୟାମ୍ପବେଲ୍ ସିକିମ୍ ପ୍ରଶାସନକୁ ସୂଚନା ନଦେଇ କିମ୍ବା କୌଣସି ଅନୁମତି ନନେଇ ସିକିମ୍‌ର ସୁଉଚ୍ଚ ପର୍ବତ ଶ୍ରେଣୀମାନଙ୍କରେ ଭ୍ରମଣ କରିବା ପାଇଁ ବାହାରି ଗଲେ । ସିକିମ୍ ପ୍ରଶାସନ ଡାକ୍ତର ଦୁଇଜଣଙ୍କୁ ଅଟକାଇ ଦେଲେ । ଏବେ ବ୍ରିଟିଶ ପ୍ରଶାସନ ସିକିମ୍ ବିରୁଦ୍ଧରେ ସୈନ୍ୟ ଚାଳନା କଲେ । ୧୮୫୩ ମସିହାରେ ଦାର୍ଜିଲିଂ ପାଖ ମୋଗଂଗ ଅଂଚଳକୁ ବ୍ରିଟିଶ ପ୍ରଶାସନ ହାତକୁ ନେଲା । ସିକିମ୍ ଶାସନକୁ ଦେଖିବା ପାଇଁ ଜଣେ ଗଭର୍ଣ୍ଣରଙ୍କୁ ନିଯୁକ୍ତ କଲା । ୧୮୯୦ ମସିହା ବେଳକୁ ସିକିମ୍ ସମ୍ପୂର୍ଣ୍ଣ ଭାବରେ ବ୍ରିଟିଶ ଶାସନାଧୀନ ହେଲା । ଚୋଗ୍ୟାଲ୍ କେବଳ ନାମକୁ ମାତ୍ର ଶାସକ ହୋଇ ରହିଲେ ।

୧୯୪୭ ମସିହାରେ ଭାରତ ସ୍ୱାଧୀନତା ପାଇଲା ପରେ ବ୍ରିଟିଶ ସରକାର ବିଦାୟ ନେଲେ । ସିକିମ୍‌ର ଜନସାଧାରଣ ଗଣଭୋଟ ଜରିଆରେ ଭାରତ ସହିତ ମିଶିବାକୁ ମନା କରିଦେଲେ । ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସିକିମ୍‌କୁ ଏକ ସୁରକ୍ଷିତ ରାଜ୍ୟର ମାନ୍ୟତା ଦେଇ ସିକିମ୍‌ର ବୈଦେଶିକ ନୀତି ନିର୍ଦ୍ଧାରଣ, ସୁରକ୍ଷା, କୂଟନୈତିକ ବ୍ୟବସ୍ଥା ଓ ଯୋଗାଯୋଗ ବ୍ୟବସ୍ଥାକୁ ଭାରତ ସରକାରଙ୍କ ହାତରେ ରଖିଲେ । ସିକିମ୍ ତା'ର ସ୍ୱାୟତ୍ତ ଶାସନ ବଜାୟ ରଖିଲା । ୧୯୫୫ ମସିହାରେ ଚୋଗ୍ୟାଲଙ୍କ ନେତୃତ୍ୱରେ ଏକ ରାଜ ପରିଷଦ ଗଠିତ ହେଲା । ଏହି ଅବସରରେ ନେପାଳୀମାନଙ୍କ ଦ୍ୱାରା ସଂଗଠିତ, ସିକିମ୍ ନେସ୍‌ନାଲ କଂଗ୍ରେସ ନେପାଳୀମାନଙ୍କ ପାଇଁ ଅଧିକ ପ୍ରତିନିଧିତ୍ୱ ଦାବି କରି ନିର୍ବାଚନ କରାଇବାକୁ ଦାବି କଲେ । ସେତେବେଳେ ସିକିମ୍‌ର ଚୋଗ୍ୟାଲ ଥାଆନ୍ତି ପାଲ୍‌ଡେନ୍ ଥଣ୍ଡପ୍ ନାମଗ୍ୟାଲ୍ । ସିଏ ଭୟଙ୍କର ଭାବରେ ଲୋକମାନଙ୍କର ଘୃଣାର ପାତ୍ର ହୋଇ ସାରିଥାନ୍ତି । ଲୋକେ ତାଙ୍କ ବିରୁଦ୍ଧରେ ରାଜପ୍ରାସାଦ ସମ୍ମୁଖରେ ଭୟଙ୍କର ଆନ୍ଦୋଳନର ସୂତ୍ରପାତ କଲେ । ଏ ହେଉଛି ୧୯୭୩ ମସିହାର ଘଟଣା । ଫଳରେ ଚୋଗ୍ୟାଲ ପ୍ରଶାସନ ଭାରତର ସାହାଯ୍ୟ ଲୋଡ଼ିଲା । ୧୯୭୫ ମସିହା ଏପ୍ରିଲ୍ ମାସରେ ଭାରତୀୟ ସୈନ୍ୟ ବାହିନୀ ସିକିମ୍‌ର ସୁରକ୍ଷା ବାହିନୀକୁ ନିରସ୍ତ୍ର କରି ଚୋଗ୍ୟାଲ ରାଜବାଟୀକୁ ନିଜ ଆୟତ୍ତକୁ ନେଲେ । ୧୯୭୫ ମସିହାରେ ପୁଣି ସିକିମ୍‌ରେ ଗଣଭୋଟ୍ କରାଗଲା । ୯୭.୫% ଭାଗ ଲୋକ ଭାରତରେ ମିଶିବା ପାଇଁ ଭୋଟ ଦେଲେ । ଫଳରେ ସିକିମ୍ ହେଲା ଭାରତର ଆଉ ଗୋଟିଏ ରାଜ୍ୟ ।

ଏ ରାଜ୍ୟରେ ଅନ୍ୟ ରାଜ୍ୟମାନଙ୍କ ପରି ଜଣେ ଗଭର୍ଣ୍ଣର ଅଛନ୍ତି । ୩୨ଟି ଆସନ ବିଶିଷ୍ଟ ବିଧାନସଭା ରହିଛି । ନିର୍ବାଚନରେ ଜୟଲାଭ କରୁଥିବା ସର୍ବବୃହତ ଦଳର ନେତା ମୁଖ୍ୟମନ୍ତ୍ରୀ ହୁଅନ୍ତି । ବିଧାନସଭାରେ ବୌଦ୍ଧସଂଘ ପାଇଁ ଗୋଟିଏ ଆସନ ସଂରକ୍ଷିତ ରହିଛି । ଜଣେ ଲୋକସଭାକୁ ଓ ଜଣେ ରାଜ୍ୟସଭାକୁ ନିର୍ବାଚିତ ହୋଇଯାଆନ୍ତି । ୧୯୭୭ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରି ଶାସନଭାର ନେଇଥିଲା । ୧୯୭୯ରେ ସିକିମ୍ ସଂଗ୍ରାମ ପରିଷଦର ନେତା ନରବାହାଦୁର ଭଣ୍ଡାରେ ଜୟଲାଭ କରି ୧୯୮୯ ପର୍ଯ୍ୟନ୍ତ ଶାସନ ଦାୟିତ୍ୱରେ ଥିଲେ । ୧୯୯୪ ନିର୍ବାଚନଠାରୁ ଆଜି ପର୍ଯ୍ୟନ୍ତ ସିକିମ୍ ସଂଗ୍ରାମ ପରିଷଦର ନେତା ପବନ କୁମାର ଚାମିଲିଂ ମୁଖ୍ୟମନ୍ତ୍ରୀ ଭାବରେ ପଦ ସମ୍ଭାଳିଛନ୍ତି । ସିକିମ୍ ବିଧାନସଭାରେ ବିରୋଧୀଦଳ ନାହାନ୍ତି । ୩୨ଟି ଯାକ ଆସନ ଶାସକ ଦଳର ।

ଏ ପର୍ଯ୍ୟନ୍ତ ସିକିମ୍‌ର ଭୌଗୋଳିକ, ଐତିହାସିକ ଓ ରାଜନୈତିକ ଅବସ୍ଥା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କଲେ । ଏବେ ଯିବା ଆମର ଅସଲ ଲକ୍ଷ୍ୟ ଦିଗକୁ । ସିକିମ୍‌ରେ ହିନ୍ଦୁମାନଙ୍କର ସଂଖ୍ୟା ପ୍ରାୟ ୬୦.୯୩% ଭାଗ, ବୌଦ୍ଧମାନଙ୍କର ଅନୁପାତ ହେଉଛି ୨୮.୧%, ଖ୍ରୀଷ୍ଟିଆନ୍‌ମାନଙ୍କର ୬.୬%, ମୁସଲମାନ ଓ ଜୈନମାନଙ୍କର ହିସାବ ୧% କରିହେବ । ତେବେ ସିକିମ୍‌ରେ ୭୫ଟି ବୌଦ୍ଧ ବିହାର ରହିଛି । ସିକିମ୍ ଭ୍ରମଣ ସମୟରେ ମନେହୁଏ ସାରା ସିକିମ୍‌କୁ ବୌଦ୍ଧଧର୍ମ ଛାଇକରି ରଖିଛି । ତେବେ ଏଠାରେ କେବେ ଧାର୍ମିକ ଅସହିଷ୍ଣୁତା ଦେଖାଯାଇନି । ଏଇ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ପବନ କୁମାରଙ୍କର ଜନ୍ମସ୍ଥାନ ଦକ୍ଷିଣ ସିକିମ୍‌ର ନାମ୍‌ଚି ଅଞ୍ଚଳକୁ ଯିବା । ଏଇଠି ଦେଖିବା ନୂଆକରି କିପରି ହିନ୍ଦୁମାନଙ୍କର ଚତୁର୍ଧାମ ପ୍ରତିଷ୍ଠା କରାଯାଇଛି ।

ସିକିମ୍‌ର ରାଜଧାନୀ ଗାଙ୍ଗଟକ୍‌ଠାରୁ ନାମ୍‌ଚିର ଦୂରତା ହେଉଛି ୧୫୫ କି.ମି. । ପର୍ବତରୁ ତଳକୁ ଖସି ସିଂହତାମ୍‌ଠାରୁ ବାଟ ଭାଙ୍ଗିବାକୁ ପଡେ । ତିସ୍ତା ପାର ହୋଇ ଦକ୍ଷିଣକୁ ଯିବାକୁ ପଡେ ୧୨୦ କି.ମି । ବାଟରେ ସମୁଦ୍‌ଟ୍‌ଠାରେ ବୌଦ୍ଧଗୁରୁ

ରେନ୍‌ପୋକ୍‌ଙ୍କର ବିରାଟ ପ୍ରତିମୂର୍ତ୍ତି । ଏ ପ୍ରତିମୂର୍ତ୍ତିର ଉଚ୍ଚତା ୩୬ମିଟର, ଆଖିରେ ନଦେଖିଲେ କଳ୍ପନା କରିହୁଏନା । ବୁଝିହୁଏନା । ୧୯୯୭ ମସିହା ଅକ୍ଟୋବର ୨୭ରେ ଦଲାଇଲାମା ଶୁଭ ଦେଇଥିଲେ । ୨୦୧୪ ଫେବୃଆରୀ ୧୮ ତାରିଖ ଦିନ ମୁଖ୍ୟମନ୍ତ୍ରୀ ପବନ କୁମାର ଉଦ୍‌ଘାଟନ କରିଥିଲେ ।

ନାମ୍‌ଚିର ସୋଲ୍‌ଫୋକ୍‌ଠାରେ ନିର୍ମାଣ କରାଯାଇଛି ଦିବ୍ୟଧାମ । ପର୍ବତ ଉପରେ ସୁଉଚ୍ଚ ଶିବମୂର୍ତ୍ତି, ଉଚ୍ଚତା ୩୫ରୁ ୪୦ ଫୁଟ । ଏ ଦିବ୍ୟଧାମର ସୌନ୍ଦର୍ଯ୍ୟକୁ ଭାଷାରେ ବର୍ଣ୍ଣନା କରାଯାଇ ପାରେନା । ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଚମତ୍କାର । ପ୍ରବେଶ ପଥରେ ଦୋକାନରେ ପ୍ରସାଦ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେଉଛି । ଗୋଟିଏ ଦୁଇଟି ଚା' ଜଳଖିଆ ଦୋକାନ, ବାସ୍, ଆଉ କିଛି କୋଳାହଳ ନାହିଁ । ପରିବେଶକୁ କଳୁଷିତ କରିବାର ସମ୍ଭାବନା ନାହିଁ । ତେବେ ଅସଲ କଥା ହେଉଛି ଏ ଧାମର ପରିକ୍ରମା । ଏଇଠି ତ ବାହୁ ବିସ୍ତାର କରି ବସିଛନ୍ତି ସମୁଦ୍ର କୂଳିଆ ଜଗାକାଳିଆ । କାହିଁ ମହୋଦଧି କାହିଁ ହିମାଳୟ କୋଳରେ ଏ ପବିତ୍ର ଭୂମି ।

ପ୍ରଥମେ ପରିକ୍ରମାରେ ଦର୍ଶନ କରିବାକୁ ହୁଏ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କୁ ଅଲଗା ଅଲଗା ମନ୍ଦିରରେ । ଏ ଜ୍ୟୋତିର୍ଲିଙ୍ଗମାନେ ହେଲେ ୧) ତ୍ରେମ୍ବକେଶ୍ୱର, ୨) ବିଶ୍ୱେଶ୍ୱର, ୩) ନାଗେଶ୍ୱର, ୪) ରାମେଶ୍ୱର, ୫) ଭୀମଶଙ୍କର, ୬) ବୈଦ୍ୟନାଥ, ୭) ଓଁକାରେଶ୍ୱର, ୮) ମହାକାଳେଶ୍ୱର, ୯) ମଲ୍ଲିକାର୍ଜ୍ଜୁନ, ୧୦) ସୋମନାଥ, ୧୧) ଘୃଷ୍ଣେଶ୍ୱର, ୧୨) କେଦାରେଶ୍ୱର । ଜ୍ୟୋତିର୍ଲିଙ୍ଗ ଦର୍ଶନ ପରେ ଦ୍ୱାରକାମାୟୀ ମନ୍ଦିର ଓ ସାଇ ମନ୍ଦିର । ସାଇଙ୍କର ମନ୍ଦିରରେ ରହିଛି ସୁନ୍ଦର ସଭାଗୃହ ବା ପ୍ରାର୍ଥନାଗୃହ । ଶେଷରେ ପହଂଚିବାକୁ ହୁଏ ଚତୁର୍ଧାମରେ । ହିନ୍ଦୁଧାମଙ୍କର ଚାରିଧାମ କହିଲେ ବୁଝାଯାଏ ଦକ୍ଷିଣରେ ଶ୍ରୀରାମେଶ୍ୱରମ୍, ପଶ୍ଚିମରେ ଶ୍ରୀଦ୍ୱାରକା, ଉତ୍ତରରେ ଶ୍ରୀବଦ୍ରିକା ଓ ପୂର୍ବରେ ଶ୍ରୀକ୍ଷେତ୍ର ପୁରୀ । ଏମାନଙ୍କର ଅଧୀଶ୍ୱର ହେଉଛନ୍ତି ଯଥାକ୍ରମେ ଶ୍ରୀରାମନାଥ, ଶ୍ରୀଦ୍ୱାରକାନାଥ, ଶ୍ରୀବଦ୍ରିନାଥ ଓ ଶ୍ରୀଜଗନ୍ନାଥ । ଚାରିଟି ସ୍ୱତନ୍ତ୍ର ମନ୍ଦିର ନିର୍ମାଣ ହୋଇଛି । ମୂଳଧାମମାନଙ୍କରେ ଥିବା ମୂଳମନ୍ଦିର ଢାଞ୍ଚାରେ ଦୂରରୁ ଚାହିଁଦେଲେ ଦେଖାଯିବ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଛିଡା ହୋଇଛି । ମନ୍ଦିର ଉପରେ ଉଡୁଛି ପତିତପାବନ ବାନା ।

ଓଡ଼ିଆମାନଙ୍କର ଆଉ କିଛି ଥାଉ ନଥାଉ ଅନ୍ତତଃ ଜଗନ୍ନାଥେ ତ ଅଛନ୍ତି । ଜଗନ୍ନାଥେ ତ ଓଡ଼ିଆ ଜାତିର ପରିଚୟ । ମନ୍ଦିର ଭିତରକୁ ପଶିଗଲେ ଆତ୍ମା ପୁଲକିତ ହୋଇଯାଏ । ଆନନ୍ଦାଶ୍ରୁ ଝରିପଡେ । ମନେହୁଏ ଯେଉଁଠିକି ଗଲେ ବି ସେ ଅଛନ୍ତି । ମହାବାହୁ ତାଙ୍କର ବାହୁ ବିସ୍ତାର କରି ବସିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଏହି ସୁଦୂର ପର୍ବତ ଉପରେ ଜଗନ୍ନାଥଙ୍କର ଆବିର୍ଭାବ ।

ଏହି ଦିବ୍ୟଧାମର ବୟସ ଆଜିର ତାରିଖରେ ମାତ୍ର ନଅ ବର୍ଷ । ଏ ଧାମର ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମିଲିଂ ୨୦୦୫ ମସିହା ଫେବୃୟାରୀ ୧୩ ତାରିଖ ଦିନ । ସେ ପୁରୁଣା ହୁଅନ୍ତୁ କି ନୂଆ ହୁଅନ୍ତୁ ଜଗନ୍ନାଥେ କିନ୍ତୁ ସିକିମ୍‌ର ନାମ୍‌ଚିରେ ବାହୁ ବିସ୍ତାର କରିଛନ୍ତି ।

(ସହଯୋଗୀ ପୁସ୍ତକ: ସୂର୍ଯ୍ୟମଣି ଖୁଣ୍ଟିଆଙ୍କ ଭ୍ରମଣ ବୃତ୍ତାନ୍ତ 'ବର୍ଣ୍ଣାଭ ଦିଗନ୍ତ' ପୁସ୍ତକ ସହିତ ନିଜର ଭ୍ରମଣାନୁଭୂତି ସଂଯୋଜିତ)

କୋରାଇ
ଯାଜପୁର-୭୫୫୦୨୨